# NATIONAL NEWS BULLETIN (ODIA)

## 16 January - 2025

## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ଜାତୀୟ କ୍ରୀଡ଼ା ପୁରସ୍କାର ୨୦୨୪ ଆସନ୍ତାକାଲି ପ୍ରଦାନ କରିବେ ରାଷ୍ଟ୍ରପତି ।
- ନୂଆଦିଲ୍ଲୀ ଠାରେ ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫କୁ ଆସନ୍ତାକାଲି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଅଷ୍ଟମ ବେତନ କମିଶନ୍ ଗଠନକୁ ମଞ୍ଜୁରୀ ପ୍ରଦାନ କଲେ କେନ୍ଦ୍ର ସରକାର ।
- ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ର ଠାରେ ତୃତୀୟ ଲଞ୍ଚପ୍ୟାଡ୍ ପ୍ରତିଷ୍ଠାକୁ ମଞ୍ଜୁରୀ ପ୍ରଦାନ କଲା କେନ୍ଦ୍ର କ୍ୟାବିନେଟ୍ ।

ଏବଂ

- ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ବେଙ୍ଗଲ ଟାଇଗର୍ସ ଏବଂ ଓଡ଼ିଶା ୱାରିୟର୍ସ୍ ମଧ୍ୟରେ ଚାଲିଛି ମୁକାବିଲା ।

# ସ୍ପୋର୍ଟସ୍ ଆୱାର୍ଡସ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଆସନ୍ତାକାଲି ଜାତୀୟ କ୍ରୀଡ଼ା ପୁରସ୍କାର ୨୦୨୪ ପ୍ରଦାନ କରିବେ । ବିଭିନ୍ନ କ୍ରୀଡ଼ାରେ ଉତ୍କର୍ଷ ପ୍ରତିପାଦନ କରିଥିବା ୪ ଜଣ ଖେଳାଳି ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ଏବଂ ୩୨ ଜଣ କ୍ରୀଡ଼ାବିତ୍ ଅର୍ଜୁନ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ବିଶ୍ୱ ଚେସ୍ ଚାମ୍ପିୟନ୍ ଡି. ଗୁକେଶ, ପ୍ୟାରିସ୍ ଅଲିମ୍ପିକ୍ସର ଦୁଇଟି ପଦକ ବିଜେତା ମନୁ ଭାକର୍, ଭାରତୀୟ ହକି ଦଳର ଅଧିନାୟକ ହରମନ୍‌ପ୍ରୀତ ସିଂହ ଏବଂ ପ୍ୟାରିସ୍ ପାରା ଅଲିମ୍ପିକ୍ସର ସ୍ୱର୍ଣ୍ଣ ପଦକ ବିଜେତା ପ୍ରବୀଣ କୁମାର ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ପାଇବେ । ଅଭିଜ୍ଞ ଆଥଲେଟ୍ ସୁଚା ସିଂହ ଏବଂ ପାରା ସନ୍ତରଣକାରୀ ମୁରଲୀକାନ୍ତ ପେଟରଙ୍କୁ ଜୀବନବ୍ୟାପି ସାଧନା ପାଇଁ ଅର୍ଜୁନ ପୁରସ୍କାର ପ୍ରଦାନ କରାଯିବ । ପାରାସୁଟିଂ କୋଚ୍ ସୁଭାଷ ରାଣା ଏବଂ ସୁଟିଂ ପ୍ରଶିକ୍ଷକ ଦୀପାଲି ଦେଶପାଣ୍ଡେ, ହକି ପ୍ରଶିକ୍ଷକ ସନ୍ଦୀପ ସାଙ୍ଗୱାନ୍, ବ୍ୟାଡ୍‌ମିଣ୍ଟନ୍ ପ୍ରଶିକ୍ଷକ ଏସ୍. ମୁରଲୀଧରନ୍ ଏବଂ ଫୁଟବଲ୍ କୋଚ୍ ଆର୍‌ମାଣ୍ଡୋ ଆଗ୍ନେଲୋ କୋଲାକୋଙ୍କୁ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯିବ ।

# ପିଏମ୍-ଭାରତ ଗ୍ଲୋବାଲ୍ ଏକ୍ସପୋ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫କୁ ଉଦ୍‌ଘାଟନ କରିବେ । ୬ ଦିନ ଧରି ଚାଲିବାକୁ ଥିବା ଏହି ଏକ୍ସପୋରେ ୨୦ଟିରୁ ଅଧିକ ସମ୍ମିଳନୀ ଏବଂ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି । ଏହି ଅବସରରେ ୯ଟି କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇଛି । ଶିଳ୍ପ ଏବଂ ଆଞ୍ଚଳିକ ସ୍ତରରେ ସହଯୋଗକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ଏହି ଅବସରରେ ବିଭିନ୍ନ ଅଧିବେଶନର ଆୟୋଜନ କରାଯାଇଛି । ଚଳିତ ଏହି ସମ୍ମିଳନୀରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ଏବଂ ବିଶେଷଜ୍ଞ ଅଂଶଗ୍ରହଣ କରୁଛନ୍ତି ।

# ପ୍ରଧାନମନ୍ତ୍ରୀ

ଆତ୍ମନିର୍ଭର, ପ୍ରଗତିଶୀଳ ଏବଂ ଅଖଣ୍ଡ ଭାରତ ଗଠନ ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିବଦ୍ଧତା ଆଧାରରେ କେନ୍ଦ୍ର ସରକାର ଚଳିତ ବର୍ଷ ଆରମ୍ଭରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । କୃଷି ଏବଂ ଭିତ୍ତିଭୂମି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ସହିତ ବୈଜ୍ଞାନିକ ଗବେଷଣା ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟରେ ବହୁବିଧ ଯୋଜନାମାନ ପ୍ରଣୟନ କରାଯାଇଛି । କୃଷକଙ୍କ ପାଇଁ ସୁଲଭ ସାରମୂଲ୍ୟ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଡି.ଏ.ଟି. ପାଇଁ ଏକକାଳୀନ ସ୍ୱତନ୍ତ୍ର ପ୍ୟାକେଜ୍

ବୃଦ୍ଧିକୁ ସରକାର ଚଳିତ ବର୍ଷର ପ୍ରଥମ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ପ୍ରଦାନ କରିଥିଲେ । ଦିଲ୍ଲୀର ଇନ୍ ସି-ଟୁ ବସ୍ତି ଥଇଥାନ ପ୍ରକଳ୍ପ ଅଧୀନରେ ୧ ହଜାର ୬୭୫ଟି ନବନିର୍ମିତ ବାସଗୃହ ହସ୍ତାନ୍ତର ପ୍ରକ୍ରିୟା ସମ୍ପନ୍ନ କରାଯାଇଛି । ଏଥିସହ ୬୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ତିନୋଟି ଶିକ୍ଷା ପ୍ରକଳ୍ପକୁ ମଧ୍ୟ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି ।

ଗ୍ରାମୀଣ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଜି.ଆଇ-ସାର୍ଟିଫାୟାଡ୍ ଉତ୍ପାଦକୁ ଗୁରୁତ୍ୱ ଦିଆଯାଇଛି । ଭାରତରେ କୃତ୍ରିମ ବୁଦ୍ଧିମତ୍ତାର ଭିତ୍ତିଭୂମିକୁ ତ୍ୱରାନ୍ୱିତ କରିବା ଲାଗି ମଧ୍ୟ ପଦକ୍ଷେପ ନିଆଯାଇଛି । ନମୋ ଭାରତ ଟ୍ରେନ୍ କରିଡ଼ର ଉଦ୍‌ଘାଟନ ଏବଂ ବିଭିନ୍ନ ରାଜ୍ୟରେ ଏକାଧିକ ରେଳ ପ୍ରକଳ୍ପ  ସ୍ଥାପନ ସହିତ ଭିତ୍ତିଭୂମି ଆଧୁନିକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ଜିନମ୍ ଇଣ୍ଡିଆ ପ୍ରୋଜେକ୍ଟ ଏବଂ ଇସ୍ରୋ ଦ୍ୱାରା ଉପଗ୍ରହ ଡକିଂ ବ୍ୟବସ୍ଥା ମଧ୍ୟ ଏହି ସମୟ ମଧ୍ୟରେ ଉଲ୍ଲେଖନୀୟ ସଫଳତା ଭାବେ ପରିଗଣିତ ହୋଇଛି । ଯୋଗାଯୋଗା ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ମଧ୍ୟ ପ୍ରଧାନମନ୍ତ୍ରୀ କରିଛନ୍ତି । ସେଥିମଧ୍ୟରେ ଜାମ୍ମୁ କାଶ୍ମୀରରେ ସୋନମାର୍ଗ ଟନେଲ୍ ଅନ୍ୟତମ । ନୌସେନାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଗତକାଲି ତିନୋଟି ଯୁଦ୍ଧପୋତକୁ ଲୋକାର୍ପଣ କରିଛନ୍ତି ।

# ପେ କମିଶନ୍

ଅଷ୍ଟମ ବେତନ କମିଶନ୍ ଗଠନକୁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀ ଠାରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ସପ୍ତମ ବେତନ କମିଶନ୍‌ଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୬ରେ ଶେଷ ହେବାକୁ ଯାଉଛି । ଅଷ୍ଟମ ବେତନ କମିଶନ୍‌ଙ୍କ ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନାମ ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

# ରାଜନାଥ ସିଂହ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ବ୍ରିଟେନ୍ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ଜନ୍ ହେଲିଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା କରିଛନ୍ତି । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଆଲୋଚନା ହେବା ସହ ପ୍ରତିରକ୍ଷା ସହଯୋଗ ପ୍ରସଙ୍ଗରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା । ଇଲେକ୍ଟ୍ରିକ୍ ପ୍ରପଲ୍‌ସନ୍ ଏବଂ ଜେଟ୍ ଇଞ୍ଜିନ୍ ଭଳି ପ୍ରତିରକ୍ଷା ପ୍ରଯୁକ୍ତି କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ହୋଇଥିବା ଅଗ୍ରଗତିର ଉଭୟ ନେତା ସମୀକ୍ଷା କରିଥିଲେ । ନିକଟରେ ଦୁଇ ଦେଶ ମଧ୍ୟରେ ଏ ସଂକ୍ରାନ୍ତରେ ସ୍ୱାକ୍ଷରିତ ହୋଇଥିବା ଚୁକ୍ତିନାମା ନେଇ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଉଭୟ ନେତା ସନ୍ତୋଷବ୍ୟକ୍ତ କରିଛନ୍ତି । ଉଭୟପକ୍ଷ

୨୦୨୫ରେ ଭାରତ-ପ୍ରଶାନ୍ତ ମହାସାଗର ଉପରେ ହେବାକୁ ଥିବା ସାମୁଦ୍ରିକ ଯୋଗାଯୋଗ ବୃଦ୍ଧି କରିବା ପାଇଁ ଆଲୋଚନା କରିଛନ୍ତି ।

## କ୍ୟାବିନେଟ୍

ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟା ସ୍ଥିତ ଇସ୍ରୋର ସତୀଶ ଧାୱନ ମହାକାଶ କେନ୍ଦ୍ର ଠାରେ ତୃତୀୟ ଲଞ୍ଚପ୍ୟାଡ୍ ପ୍ରତିଷ୍ଠାକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି । ସେଠାରେ ଥିବା ଦ୍ୱିତୀୟ ଲଞ୍ଚପ୍ୟାଡ୍ ପାଇଁ ଏହା ସହାୟକ ଲଞ୍ଚପ୍ୟାଡ୍ ଭାବେ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଭବିଷ୍ୟତରେ ଭାରତୀୟ ମାନବ ମହାକାଶ ଉଡ଼ାଣ ଅଭିଯାନକୁ ଏହି ପଦକ୍ଷେପ ଅଧିକ ସହାୟତା ପ୍ରଦାନ କରିବ ବୋଲି ଆଶା କରାଯାଇଛି । ଏଥିପାଇଁ ମୋଟ୍ ୩ ହଜାର ୯୮୪ କୋଟି ୮୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

## ଦିଲ୍ଲୀ-ନୋମିନେସନ୍

ଦିଲ୍ଲୀ ବିଧାନସଭା ନିର୍ବାଚନ ପାଇଁ ଆଜି ଦ୍ୱିତୀୟ ପର୍ଯ୍ୟାୟ ନାମାଙ୍କନପତ୍ର ଦାଖଲର ଶେଷ ଦିନରେ ଆମ୍ ଆଦମୀ ପାର୍ଟି, ବିଜେପି ଏବଂ କଂଗ୍ରେସର ବହୁ ତୁଙ୍ଗ ନେତାମାନେ ନାମାଙ୍କନପତ୍ର ଦାଖଲ

କରିଛନ୍ତି । ବରିଷ୍ଠ ଆମ୍ ଆଦମୀ ପାର୍ଟି ନେତା ମନିଶ ସିସୋଦିଆ, ସୌରଭ ଭରଦ୍ୱାଜ ଏବଂ ଗୋପାଳ ରାୟଙ୍କ ସମେତ ବିଜେପି ପ୍ରାର୍ଥୀ ହରିଶ ଖୁରାନା, ମଞ୍ଜିନ୍ଦର ସିଂହ ଶୀର୍ଷା, ଆଶିଷ ସୁଦ୍ ଏବଂ କପିଲ ମିଶ୍ର ପ୍ରମୁଖ ରାଜଧାନୀ ଦିଲ୍ଲୀରେ ବିଭିନ୍ନ ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

କଂଗ୍ରେସ ପ୍ରାର୍ଥୀ ସନ୍ଦୀପ ଦୀକ୍ଷିତ ଏବଂ ଆରିବା ଖାନ୍‌ଙ୍କ ସମେତ ଅନ୍ୟ ପ୍ରାର୍ଥୀମାନେ ଆଜି ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ବହୁ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିବା ଅବସରରେ ରୋଡ୍ ଶୋ'ର ଆୟୋଜନ କରିବା ସହ ଧାର୍ମିକ ସ୍ଥଳ ଗୁଡ଼ିକୁ ଯାଇ ଆଶୀର୍ବାଦ ଗ୍ରହଣ କରିଥିଲେ । ନିର୍ବାଚନରେ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ମାଗିବା ପାଇଁ ତିନୋଟି ପ୍ରମୁଖ ଦଳର ନେତାମାନେ ସେମାନଙ୍କର ଷ୍ଟାର୍ ପ୍ରଚାରକମାନଙ୍କ ସହ ଦିଲ୍ଲୀରେ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି ।

ବରିଷ୍ଠ ଆପ୍ ନେତା ତଥା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍ ଶୀଲାମପୁର ଓ ଗୋଣ୍ଡା ଅଞ୍ଚଳରେ ଦୁଇଟି ରୋଡ୍ ଶୋ'ରେ ଯୋଗ ଦେଇଥିଲେ । ସେହିପରି ବରିଷ୍ଠ ବିଜେପି ନେତା ଅର୍ଜୁନ୍ ରାମ ମେଘୱାଲ୍, ଭଗିରଥ ଚୌଧୁରୀ, ଅନୁରାଗ ସିଂହ ଠାକୁର, ସଂଜୀବ ବଲିୟାନ୍, ମନୋଜ ତିୱାରୀ, ରବି କିଶନ୍ ଏବଂ ଅନିଲ ବାଲୁନୀ ପ୍ରମୁଖ ବିଜେପି ପ୍ରାର୍ଥୀମାନଙ୍କ ସହ ଯାଇ ପ୍ରାର୍ଥୀପତ୍ର ଦାଖଲ ଶୋଭାଯାତ୍ରାରେ ଯୋଗଦେଇଥିଲେ ।

କଂଗ୍ରେସ ଦଳ ପକ୍ଷରୁ ବରିଷ୍ଠ ନେତା ତଥା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବାନାଥ ରେଡ୍ଡୀ ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ କଂଗ୍ରେସ ଘୋଷଣାନାମା ବିଷୟରେ ସୂଚନା ଦେଇଥିଲେ ।

## ମାଣ୍ଡବ୍ୟ-କନ୍‌ଫରେନ୍ସ

କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ପାରସ୍ପରିକ ଦକ୍ଷତା ଏବଂ ମାନକ ଭଳି ପଦକ୍ଷେପ ମାଧ୍ୟମରେ ବିଶ୍ୱରେ ଦେଖାଯାଉଥିବା ମାନବସମ୍ବଳ ଅଭାବକୁ ଦୂର କରିବାରେ ଭାରତର ସାମର୍ଥ୍ୟ ଉପରେ ଆଲୋକପାତ କରିଛନ୍ତି । ନୂଆଦିଲ୍ଲୀରେ ନିଯୁକ୍ତି ଭବିଷ୍ୟତ ଉପରେ ଆୟୋଜିତ ଏକ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ଦକ୍ଷତା ପ୍ରମାଣପତ୍ର ଠାରୁ ଆଗକୁ ଯାଇ ଶିଳ୍ପ ଏବଂ ଆତ୍ମନିଯୁକ୍ତି କ୍ଷେତ୍ରରେ ଗତିଶୀଳ ଚାହିଦା ପୂରଣ କରିବା ପାଇଁ ବ୍ୟବହାରିକ ଦକ୍ଷତା ଥିବା ବ୍ୟକ୍ତିଙ୍କୁ ସଶକ୍ତ କରିବା ଉପରେ ଦୃଷ୍ଟି ଦେବା ଉଚିତ୍ । ଦୃଢ଼ ଶିଳ୍ପ ଶିକ୍ଷାଗତ ସମ୍ପର୍କ ଭାରତର ଅନନ୍ୟ ଆବଶ୍ୟକତା ଅନୁଯାୟୀ ଏକ ଦକ୍ଷତା ମଡେଲ ସୃଷ୍ଟି କରାଯାଇ ପାରିବ ବୋଲି  ସେ କହିଛନ୍ତି ।

# ଆର୍ଥକ୍ୱେକ୍

ତୀବ୍ବତରେ ଆଜି କ୍ରମାଗତ ଭାବେ ଭୂକମ୍ପ ଅନୁଭୂତ ହୋଇଛି । ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ତୀବ୍ବତରେ ଅନୁଭୂତ ହୋଇଥିବା ପ୍ରଥମ ଭୂମିକମ୍ପ ରେକ୍ଟର ସ୍କେଲ୍‌ରେ ୪ ଦଶମିକ୍ ୭ ରେକର୍ଡ କରାଯାଇଥିଲା । ତେବେ ଏଥିରେ ଏ ପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତି ହେବାର ସୂଚନା ମିଳିନାହିଁ । ପରେ କ୍ରମାଗତ ଭାବେ ସେହି ଅଞ୍ଚଳରେ ଦୁଇଟି ଭୂକମ୍ପ ଅନୁଭୂତ ହୋଇଥିଲା । ଯାହା ରେକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭ ଦଶମିକ୍ ୧, ୪ ଦଶମିକ୍ ୨ ରେକର୍ଡ ହୋଇଥିଲା । ଆଫ୍‌ଗାନିସ୍ତାନ ଅଞ୍ଚଳରେ ମଧ୍ୟ ଏହି ଭୂକମ୍ପର ପ୍ରକୋପ ଅନୁଭୂତ ହୋଇଥିବା ସୂଚନା ମିଳିଛି ।

# ହକି

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ବର୍ତ୍ତମାନ ସ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ୍ ଏବଂ ଓଡ଼ିଶା ୱାରିୟର୍ସ୍ ମଧ୍ୟରେ ରାଞ୍ଚିର ଜୟପାଲ ସିଂହ ହକି ଷ୍ଟାଡିୟମ୍ ଠାରେ ମ୍ୟାଚ୍ ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ ।

ଅନ୍ୟ ପକ୍ଷରେ ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍‌ରେ ପୁରୁଷ ବର୍ଗରେ ଆଜି କଳିଙ୍ଗ ଲାନ୍‌ସର୍ସ୍ ଓ ଏସ୍.ଜି. ପାଇପର୍ସ୍ ମଧ୍ୟରେ ରାତି ୮ଟା ୧୫ ମିନିଟ୍‌ରେ ମୁକାବିଲା ହେବ ।

## ଇଣ୍ଡିଆ ଓପନ୍

ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତର ପିଭି ସିନ୍ଧୁ କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଇଣ୍ଡୋର ଷ୍ଟାଡିୟମ୍ ଠାରେ ଆଜି ଅନୁଷ୍ଠିତ ପ୍ରତିଯୋଗିତାରେ ସିନ୍ଧୁ ତାଙ୍କର ଜାପାନୀ ପ୍ରତିପକ୍ଷ ମାନାମି ସୁଇଜୁଙ୍କୁ ୨୧-୧୫ ଏବଂ ୨୧-୧୩ ସେଟ୍‌ରେ ପରାସ୍ତ କରି ଏହି ସଫଳତା ପାଇଛନ୍ତି । ଆସନ୍ତାକାଲି ଇଣ୍ଡୋନେସିଆ ପ୍ରତିଯୋଗୀଙ୍କୁ ସିନ୍ଧୁ ଭେଟିବେ ।

ପୁରୁଷ ବର୍ଗରେ କୀରଣ ଜର୍ଜ୍ ତାଙ୍କ ଫ୍ରାନ୍ସ ପ୍ରତିପକ୍ଷଙ୍କୁ ୨୨-୨୦ ଏବଂ ୨୧-୧୩ ପଏଣ୍ଟରେ ପରାସ୍ତ କରି କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଯାଇଛନ୍ତି । ଚୀନ୍‌ର ଓ୍ୱେଙ୍ଗ୍ ହୋଙ୍ଗ୍‌ୟାଙ୍ଗ୍ ଏବଂ କୀରଣ ଜର୍ଜ୍‌ଙ୍କ ମଧ୍ୟରେ ଆସନ୍ତାକାଲି ମୁକାବିଲା ହେବ ।

ମହିଳା ମିଳିତ ବର୍ଗରେ ତନିଶା କ୍ରାଷ୍ଟୋ ଏବଂ ଅଶ୍ୱିନୀ ପୋନ୍ନାପ୍ପା ଜାପାନ ଯୋଡ଼ି ୟୁକି ଫୁକୁସୀମା ଏବଂ ମାୟୁ ମାସ୍ତୁମୋଟୋଙ୍କ ଠାରୁ ୯-୨୧ ଏବଂ ୨୧-୧୩ ସେଟ୍‌ରେ ପରାସ୍ତ ହୋଇଛନ୍ତି ।